# Akashvani, Sambalpur

## SAMBALPURI NEWS BULLETIN

### 21 March 2025- 6.47- 6.52 am.

*********************************************

ସଖାଲୁଆ ସ୍କୁଲ୍ ଆର୍ଏନ୍ୟୁ/ ସମ୍ବଲପୁର

ବଢ଼୍ତି ଖରାକେ ନଜର୍ଥି ରଖିକରି ରାଜ୍ୟ ସର୍କାର୍ ଆଏଜ୍ଠାନୁ ସ୍କୁଲ୍ମାନ୍କେ ସଖାଲ୍ପଢ଼ା ଲାଗି ନିର୍ଦ୍ଦେଶ୍ ଦେଇଛନ୍ । ସବୁ ସର୍କାରୀ ଆଉ ବେସର୍କାରୀ ବିଦ୍ୟାଳୟମାନ୍କେ ସଖାଲର୍ ୬ ବଜେନୁ ସାଢ଼େ ୧୦ ବଜେତକ୍ ୪ ଘଂଟା ପଢ଼ାହେବା । ଇ ବାବ୍ଦେ ଗଲାକାଏଲ୍ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍ଫୁ ବିଜ୍ଞପ୍ତି ବାହାରିଛେ । ନିର୍ଦ୍ଦେଶ୍କେ ତୁର୍ତି ଲାଗୁ କର୍ବାର୍କେ ସବୁ ଜିଲ୍ଲାପାଲ୍ମାନ୍କୁ ବିଭାଗ୍ର ସଚିବ ଚିଠି ଲେଖିଛନ୍ ।

ଓଡ଼ିଶା ଦିବସ୍ I&PR

ଇ ବଛର୍ ଏପ୍ରିଲ୍ ୧ ତାରିଖ୍ ଉତ୍କଳ ଗୌରବ ମଧୁସୂଦନ୍ ଦାସ୍ଙ୍କର୍ ଜନମ୍ ଠାନ୍ କଟକ୍ ଜିଲ୍ଲାର୍ ସତ୍ୟଭାମାପୁର୍ ନ

ରାଜ୍ୟସ୍ତରୀୟ ଓଡ଼ିଶା ଦିବସ୍ ସମାରୋହ ପାଲନ୍ କରାଯିବା । ନୂଆଦିଲ୍ଲୀ ସହେତେ ରାଜ୍ଧାନୀ ଭୁବ୍ନେଶ୍ୱର୍ , କୋଲ୍କାତା, ମୁମ୍ବାଇ, ଚେନ୍ନାଇ ବାଗିର୍ ଦେଶର୍ ଭିନ୍ ଭିନ୍ ସହରେ ଭିଲ୍ ଓଡ଼ିଶା ଦିବସ୍ ସମାରୋହ ପାଲନ୍ କରାଯିବା । ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ଠାନେ ଗଲାକାଏଲ୍ ମୁଖ୍ୟଶାସନ୍ ସଚିବ ମନୋଜ୍ ଆହୁଜାଙ୍କର୍ ଅଧକ୍ଷତାଥି ହେଇଥିବା ପ୍ରସ୍ତୁତି ବୈଠକ୍ ନ ଇ ନିଷ୍ପତି ନିଆଯାଇଛେ । ଓଡ଼ିଶା ଦିବସ୍ ସମାରୋହକେ ଆକର୍ଷଣୀୟ କର୍ବାର୍ ଲାଗି ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ଭିଲ୍ ଆୟୋଜନ୍ କରାଯିବା ।

ସେଂଟର୍ ଅଫ୍ ଏକ୍ସିଲେନ୍ସ       ପି.ଆଇ.ବି.

୨୦୨୫-୨୬ କେନ୍ଦ୍ରୀୟ ବଜେଟ୍ଥି ଦେଶେ ୫ ଟା ସେଂଟର୍ ଅଫ୍ ଏକ୍ସିଲେନ୍ସ ଥାପ୍ନା ଲାଗି ଘୋଷ୍ନା କରାଯାଇଛେ । ସେଥିର୍ଭିତ୍ରୁ ଗୁଟେ କେନ୍ଦ୍ର ଓଡ଼ିଶା ନ ଥାପ୍ନା କରାଯିବା ବଲି କେନ୍ଦ୍ର ଦକ୍ଷତା ବିକାଶ୍ ଆଉ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ କହିଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ ଗଲାକାଏଲ୍ ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ଠାନେ ଭେଟିକରି କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌଧୁରୀ ଇ ବାବଦ୍ ଆଲୋଚନା କରିଛନ୍ । ଇ ଅବ୍ସରେ

ମୁଖ୍ୟମନ୍ତ୍ରୀଙ୍କର୍ ସଙ୍ଗେ ରାଏଜେ ଚାଲିଥିବା ଭିନ୍ ଭିନ୍ କେନ୍ଦ୍ରୀୟ ଯୋଜ୍ନାର୍ କାର୍ଯ୍ୟକାରିତା ବାବ୍ଦେ କେନ୍ଦ୍ରମନ୍ତ୍ରୀ ଆଲୋଚନା କରିଛନ୍ । ଓଡ଼ିଶା ନ ଅଏତ୍କା ଦକ୍ଷତା ବିକାଶ୍ କେନ୍ଦ୍ର ଖୁଲ୍ବାର୍, ଓଡ଼ିଶା ଆଇଟିଆଇମାନ୍କୁ ଆହୁରି ବର୍କସ୍ କର୍ବାର୍, ଦକ୍ଷତା ବିକାଶ୍ ବିଦ୍ୟାର୍ଥୀମାନ୍କର୍ ଲାଗି ଅଲଗ୍ ଅଲଗ୍ ଭାଷା ତାଲିମ୍ କେନ୍ଦ୍ର ବ୍ୟବସ୍ଥା କର୍ବାର୍, ଜନଜାତି ଅଂଚଲ୍ମାନ୍କେ ଯୁଆନ୍ ପିଲା ଟୁକେଲ୍କର୍ ଦକ୍ଷତା ବିକାଶ୍ ଲାଗି ପିଏମ୍ ଜନ୍ମନ୍ ଯୋଜ୍ନାଥି ଆଇଟିଆଇକେ ସାମିଲ୍ କର୍ବାର୍ ଉପରେ୍ କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌଧୁରୀ ଇ ଅବ୍ସରେ କହିଛନ୍ ।

ଓ୍ୱେଭ୍ସ୍ ପି.ଆଇ.ବି

ଭାରତ୍ର ତିଆରି ଦରବ୍, ଇନର୍ ନାଗରିକ୍ ଆଉ ଇନର୍ ବ୍ୟବସାୟର୍ ଗୁଣବତା ଲାଗି ସାରା ପୁର୍ଥି ଆଏଜ୍ ଆମର୍ ଦେଶ୍ ଉପ୍ରେ ନଜର୍ ରଖିଛେ । ଭାରତ୍କେ ନେଇକରି ଆଏଜ୍ ସାରା ପୁର୍ଥି ଆଶାବାଦୀ ରହିଛେ । ହେଥିର୍ଲାଗି ଆମର୍ ଉଦ୍ୟୋଗ୍ମାନ୍କର୍ ଉପ୍ାଦିତ୍ ଦରବ୍ ମାନ୍କର୍ ଗୁଣବତା ଉପ୍ରେ ଆମ୍କୁ ଧ୍ୟାନ୍ ଦେବାର୍ ପଡ଼୍ବା ବଲି କେନ୍ଦ୍ର ଦକ୍ଷତା

ବିକାଶ୍ ଆଉ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ କହିଛନ୍ । ଗଲାକାଏଲ୍ ଭୁବନେଶ୍ୱର୍ ବିଶ୍ୱ ଦକ୍ଷତା କେନ୍ଦ୍ର ଠାନେ ବିଶ୍ୱ ଅଡ଼ିଓ ଭିଜୁଆଲ୍ ଆଉ ମନୋରଞ୍ଜନ୍ ଶିଖର୍ ସମ୍ମିଳନୀ-ୱେଭ୍ସ୍ ବାବଦ୍ ହେଇଥିବା କର୍ମଶାଳାଥି ଯୋଗ୍ ଦେଇକରି ଶ୍ରୀ ଚୌଧୁରୀ ଇଟା କହିଛନ୍ । କର୍ମଶାଳାଥି ଉଦ୍ୟୋଗୀ ମାନ୍କର୍ ଅଭିବୃଦ୍ଧିକେ ତହଁକାବାର୍, ଆର୍ଥିକ୍ ବୃଦ୍ଧି ଅନ୍ତର୍ଭୁକ୍ତିକରଣ୍, ଡିଜିଟାଲ୍ ଦକ୍ଷତା ବାଗିର୍ ଭିନ୍ ଭିନ୍ ପ୍ରସଙ୍ଗ ଉପ୍ରେ ଆଲୋଚନା ହେଇଥିଲା ।

ସହରୀ ପରିମଳ ବ୍ୟବସ୍ଥା - ସମୀକ୍ଷା I&PR

ଗୃହ ନିର୍ମାଣ ଆଉ ନଗର ଉନ୍ନୟନ୍ ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କର୍ ଅଧ୍ୟକ୍ଷତାଥି ସହର୍ ଇଲାକା ନ ସଫେଇ ବ୍ୟବସ୍ଥାର୍ ବିକାଶ୍ ଲାଗି ଗଲାକାଏଲ୍ ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ହେଇଯାଇଛେ । ବୈଠକ୍ଥି ୫ ଟା ନଗର୍ ନିଗମ୍, ପୁରୀ-କୋଣାର୍କ କ୍ଲଷ୍ଟର୍ ଆଉ ବୌଦ୍ଧ -ସୋନ୍ପୁର୍ କ୍ଲଷ୍ଟର୍ ନ କମ୍ପ୍ରେସ୍ଡ୍ ବୟୋ ଭେସ୍ -ସିବିଜି ପ୍ଲାଂଟ୍ ଥାପ୍ନାର ଥିତି ସମୀକ୍ଷା କରାଯାଇଥିଲା । ଇ ସବୁ ପ୍ରକ୍ରିୟାକେ ତୁର୍ତି କର୍ବାର୍ ଲାଗି ମନ୍ତ୍ରୀ ଶ୍ରୀ ମହାପାତ୍ର ବିଭାଗୀୟ ଅଧିକାରୀମାନ୍କୁ ପରାମର୍ଶ ଦେଇଛନ୍ ।

ଆନ୍ତର୍ଜାତିକ୍ ଜଙ୍ଗଲ୍ ଦିବସ୍ ଆର୍‌ଏନ୍‌ୟୁ ସମ୍ବଲପୁର୍/I&PR

ଆଏଜ୍ ବିଶ୍ୱ ଜଙ୍ଗଲ୍ ଦିବସ୍ । ମିଲିତ୍ ଜାତିସଂଘର୍ ସାଧାରଣ ପରିଷଦ୍‌ର ପ୍ରସ୍ତାବ୍ ଅନ୍‌ସାରେ ଜଙ୍ଗଲ୍‌ର ମହତ୍ୱ ଆର୍ ସୁରକ୍ଷା ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ୨୦୧୨ ମସିହାନୁ ଇ ଦିବସ୍ ପାଲନ୍ କରାଯାଉଛେ । ଇ ବଛ୍‌ରର୍ ବିଶ୍ୱ ଜଙ୍ଗଲ୍ ଦିବସ୍‌ର ବାର୍ତା ହେଉଛେ 'ଜଙ୍ଗଲ ଆଉ ଖାଦ୍ୟ' । ଇ ବାର୍ତା ଜରିଏ ଜଙ୍ଗଲ୍ ଆଉ ବିଶ୍ୱ ଖାଦ୍ୟ ସୁରକ୍ଷା ଭିତ୍‌ରେ ରହିଥିବା ଗହୀର୍ ସମ୍ପର୍କକେ ଗୁରୁତ୍ୱ ଦିଆଯାଇଛେ ।

ଇ ଅବ୍‌ସରେ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ସମ୍ମିଲନୀ କକ୍ଷ ଠାନେ ଆଏଜ୍ ଦିନର୍ ସାଢ଼େ ୧୧ ବଜେ ରାଜ୍ୟସ୍ତରୀୟ ବିଶ୍ୱ ଜଙ୍ଗଲ୍ ଦିବସ୍ ଉତ୍ସବ୍ ପାଲନ୍ କରାଯିବା । କାର୍ଯ୍ୟକ୍ରମ୍‌ଥି ଜଙ୍ଗଲ୍ ଆଉ ପରିବେଶ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ରଥଯାତ୍ରା ଆର୍‌ଏନ୍‌ୟୁ/ ସମ୍ବଲପୁର

ରଥଯାତ୍ରାକେ ନେଇକରି ଗଜପତି ମହାରାଜ୍ ଦିବ୍ୟସିଂହ ଦେବ୍‌ଙ୍କର୍ ଅଧ୍ୟକ୍ଷତାଥି ଶ୍ରୀମନ୍ଦିର୍ ପ୍ରଶାସନ୍ ଆର୍ ଇସ୍କନ୍ ସଂସ୍ଥାର୍

ସଦସ୍ୟମାନ୍‌କର୍ ଭିତ୍‌ରେ ଗଲାକାଏଲ୍ ଗୁଟେ ବୈଠକ୍ ହେଇଯାଇଛେ । ଦେଶେ ସବୁ ଇସ୍କନ୍ କେନ୍ଦ୍ରମାନ୍‌କେ ଆଷାଢ଼ ଶୁକ୍ଳପକ୍ଷ ଦୁତିଆ ତିଥି ରଥଯାତ୍ରା ହେଉଥିଲା ବେଲେ ଦେଶ୍ ବାହାରେ କେତେଟା ଜାଗା ନ ଅଲ୍‌ଗା ତିଥି ନ ରଥଯାତ୍ରା କରାଯାଉଛେ । ଇତାର୍‌ବଦ୍‌ଲେ ତିଥି ଅନ୍‌ସାରେ ମାହାପୁରୁଙ୍କର୍ ସବୁ ଯାତ୍ରା ପରବ୍ ପାଲନ୍ କର୍‌ବାର୍ ଲାଗି ଇସ୍କନ୍ କେନ୍ଦ୍ରର୍ ସଦସ୍ୟମାନ୍‌କୁ ଇ ଅବ୍‌ସରେ ନିବେଦନ୍ କରାଯାଇଥିଲା । ବୈଠକ୍ ଉତ୍‌ରୁ ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍...

(ଭଏସ୍ ଓଭର୍- ଅରବିନ୍ଦ ପାଢ଼ୀ)

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ପର୍ଶ୍ଚିମ ଓଡ଼ିଶା ସହେତେ ରାଜ୍ୟର୍ ବଡ଼ଭାଗୀ ଜାଗା ନ ଆଏବା ୨୪ ଘଂଟା ଭିତ୍‌ରେ ଧୁକାଗର୍ଢ଼ି ସାଙ୍ଗେ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ । ଇ ସମିଆଥି ଧୁକାଗର୍ଢ଼ି ନେଇକରି ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ଼୍ ଝାର୍‌ସୁଗୁଡ଼ା, ମୟୁର୍‌ଭଞ୍ଜ୍ ଆର୍ କେନ୍ଦୁଝର୍‌କେ ପାଣିପାଗ୍ କେନ୍ଦ୍ର ଅରେଞ୍ଜ୍ ଓ୍ୱାର୍ଣ୍ଣିଂ ଜାରି କରିଥିଲା ବେଲେ

ବର୍‌ଗଡ୍‌, ଦେବ୍‌ଗଡ୍‌, ସୋନ୍‌ପୁର୍‌, ବୌଦ୍ଧ, ବଲାଙ୍ଗିର୍‌, ନୂଆପଡ଼ା ସଙ୍ଗେ ୧୪ ଟା ଜିଲ୍ଲା ଲାଗି ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛେ ।